# ଦାୟିତ୍ୱବିହୀନ ମୁଖ୍ୟମନ୍ତ୍ରୀ କେବେ ?

୦୧/୦୪/୨୦୦୮

ପରିବହନ ସଚିବ ପ୍ରିୟବ୍ରତ ପଟ୍ଟନାୟକଙ୍କ ହାତରୁ ସମସ୍ତ ଦାୟିତ୍ୱ କାଢ଼ି ନିଆଯାଇଥିବା ଖବର ଆମକୁ ଆଶ୍ଚର୍ଯ୍ୟ ନକଲେ ମଧ୍ୟ ଅନେକଗୁଡ଼ିଏ କାରଣରୁ ଆନ୍ଦୋଳିତ କରୁଛି । ଆଇ.ଏ.ଏସ୍. ପଦପ୍ରାପ୍ତ ବରିଷ୍ଠ ପ୍ରଶାସକମାନଙ୍କୁ କାମ ନଦେଇ ବସାଇ ରଖିବା ଏବଂ ପୂରା ଦରମା ଦେବାର ଅଦ୍ଭୁତ କୌଶଳ ଏ ସରକାର ପାଇଁ ନୂଆ ନୁହେଁ । ପ୍ରିୟବ୍ରତଙ୍କ ପୂର୍ବରୁ ଦୁଇଜଣ ଆଇ.ଏ.ଏସ୍. ଅଫିସରଙ୍କୁ ଏହି ଅଦ୍ଭୁତ କୌଶଳର ଶିକାର ହେବାକୁ ପଡ଼ିଛି । କେଉଁ ଉର୍ବର ମସ୍ତିଷ୍କରୁ ଏପରି କୌଶଳ ଜନ୍ମ ନେଇଛି ତାହା ଆମେ ଜାଣୁନା । କିନ୍ତୁ ଏହାଦ୍ୱାରା ନବୀନବାବୁ ଯାହା ଦେଖାଇ ହେବାକୁ ଚାହୁଁଛନ୍ତି ତାହା ଯେ ସଫଳ ହେଉନାହିଁ ଏହା ଧୀରେ ଧୀରେ ସ୍ପଷ୍ଟ ହେଲାଣି । ପ୍ରଶ୍ନ ଉଠୁଛି ପ୍ରିୟବ୍ରତଙ୍କ ଠାରୁ ସମସ୍ତ ଦାୟିତ୍ୱ କାଢ଼ି ନିଆଯିବା ନିଷ୍ପତ୍ତି ନେଇ ସରକାର କ'ଣ କହିବାକୁ ଚାହୁଁଛନ୍ତି ? ବିରଞ୍ଚି ହତ୍ୟା ମାମଲାରେ ତାଙ୍କର କଥିତ ସଂପୃକ୍ତିକୁ ନେଇ ସରକାର ଯଦି ଏ ନିଷ୍ପତ୍ତି ନେଇଥାନ୍ତି ତେବେ ତାହା ଗ୍ରହଣୀୟ ହେବ ନାହିଁ । ରାଜଧାନୀ ସହର ମଧ୍ୟରେ ସନ୍ଧ୍ୟା ସମୟରେ ବିରଞ୍ଚିର ହତ୍ୟା ଘଟିଲା । ହତ୍ୟାକାରୀଙ୍କୁ ଏ ପର୍ଯ୍ୟନ୍ତ ସରକାର ଧରି ପାରିଲେ ନାହିଁ । ହତ୍ୟାକାଣ୍ଡ ସହିତ କଥିତ ସଂପର୍କ ଥିବା ବ୍ୟକ୍ତିମାନଙ୍କୁ ପୁଲିସ୍ କେବଳ ପଚରାଉଚରା କରୁଛି । ଲୋକଲଜ୍ଜାରୁ ବଞ୍ଚିବା ପାଇଁ ପ୍ରତିଦିନ କିଛି ନା କିଛି ନାଟକ ଅଭିନୀତ ହେଉଛି - ହେଇ ଯେପରି ପୂର୍ବତନ ମନ୍ତ୍ରୀ ଓ ବର୍ତ୍ତମାନ ଯୋଜନା ବୋର୍ଡର ଉପାଧ୍ୟକ୍ଷ ବେଦପ୍ରକାଶ ଅଗ୍ରୱାଲ ଏବଂ ତାଙ୍କ ଭାଇଙ୍କ କେନ୍ଦ୍ରାପଡ଼ାସ୍ଥିତ ବାସଭବନ ଘେରାଉ । ବେଦପ୍ରକାଶଙ୍କର ବାସଭବନ ଘେରାଉ କରାଗଲା ଅଥଚ ଚଢ଼ାଉ ହେଲାନାହିଁ । କାହା ଚାପରେ ବା କାହା ନିର୍ଦ୍ଦେଶରେ

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଏମିତି ହେଲା ? ଏଥିରୁ ଆମେ କି ସଂକେତ ପାଉଛୁ ? ବିଜେଡି ବିଜେପି ମେଣ୍ଟ ସରକାର ହୁଏତ ମେଣ୍ଟ ଭାଙ୍ଗିଯିବା ଭୟରେ ଚଢ଼ାଉ କରିବା ପାଇଁ ସାହସ ଯୋଗାଡ଼ କରିପାରିଲେ ନାହିଁ । ରାଜା ପଛେ ଖସିଯାଉ ମେଣ୍ଟ ବଞ୍ଚିରହୁ । ସେହିପରି ପ୍ରିୟବ୍ରତଙ୍କୁ ପୁଲିସ୍ କମିସନର ଦେଢ଼ଘଣ୍ଟା ଧରି ପଚରାଉଚରା କଲେ । କ'ଣ ଜାଣିଲେ କେଜାଣି, ତା ପରଦିନ ତାଙ୍କଠାରୁ ଦାୟିତ୍ୱ କାଢ଼ିନିଆଗଲା । ପୁଲିସ୍ କମିସନର ନିଶ୍ଚୟ ତାଙ୍କ ପଚରାଉଚରାରୁ ପ୍ରିୟବ୍ରତଙ୍କ ସଂପୃକ୍ତି ଥିବା ନଥିବା ସଂପର୍କରେ କିଛି ସୂଚନା ପାଇଥିବେ । ଯଦି ତାଙ୍କର କିଛି ସଂପୃକ୍ତି ଅଛି ତେବେ ବିଧି ଅନୁସାରେ ଅନ୍ୟ ହତ୍ୟାକାଣ୍ଡ ସହ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କ ପ୍ରତି ଯେପରି କଠୋର ଆଭିମୁଖ୍ୟ ଗ୍ରହଣ କରାଯାଏ ସେପରି କରିବା କଥା । ଯଦି ତାଙ୍କର କୌଣସି ସଂପୃକ୍ତି ନାହିଁ ତା'ହେଲେ ଅନ୍ୟ ସାଧାରଣ ନିର୍ଦ୍ଦୋଷ ନାଗରିକମାନଙ୍କ ପରି ତାଙ୍କୁ ମଧ୍ୟ ସମୁଚିତ ସମ୍ମାନ ପ୍ରଦର୍ଶନ କରାଯିବା କଥା । ତାଙ୍କଠାରୁ ଦାୟିତ୍ୱ କାଢ଼ିନେବା ଫଳରେ ସରକାର କି ସଙ୍କେତ ଦେଉଛନ୍ତି ? କଥାଟି ଲୁଚିଛି ନା ଗୋଡ଼ ଦିଇଟା ଦିଶୁଛି ପରି ହୋଇଯାଉନାହିଁ ତ ? ଅସଲ କଥାଟି ହେଲା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସମ୍ଭାଳିବା ନିମନ୍ତେ ଯେଉଁ ପ୍ରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବା କଥା ସେଥିପାଇଁ ସରକାର ସାହସ ଜୁଟାଇ ପାରୁନାହାନ୍ତି । ଆଇନଶୃଙ୍ଖଳାର ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କର । ତାଙ୍କ ଦାୟିତ୍ୱହୀନତାର ଦୋଷ ସେ କାହା ଉପରେ ଲଦିବେ ? ତେଣୁ ଏହିପରି ନାଟକବାଜି ଚାଲିଛି । ଦାୟିତ୍ୱବିହୀନ ସଚିବ ପ୍ରଥାଟି ସଂପର୍କରେ ଆହୁରି ଅନେକଗୁଡ଼ିଏ ମୌଳିକ ପ୍ରଶ୍ନ ଉଠୁଛି । ଏହା ଆଇନସମ୍ମତ କି ? ସରକାରଙ୍କ ଘୋଷିତ ନୀତି ଏହାକୁ ସମର୍ଥନ କରୁଛି କି ? ଏହାଦ୍ୱାରା ସରକାରଙ୍କର କି ଲକ୍ଷ୍ୟ ହାସଲ ହେଉଛି ? ପୂର୍ବରୁ ଦୁଇଜଣ ସଚିବଙ୍କୁ ବିନା ଦାୟିତ୍ୱରେ ବସାଇ ଦରମା ଦେବା ପ୍ରଥାଟି ନ୍ୟାୟାଳୟ ଦ୍ୱାରା ସମାଲୋଚିତ ହୋଇଛି । ଏ ବ୍ୟାପାରରେ ସରକାର ତାଙ୍କ ଜବାବ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରୁନାହିଁ । ସରକାରଙ୍କ ଘୋଷିତ ନୀତି ହେଲା କାମ ନାହିଁ ତ ଦରମା ନାହିଁ । ଅତୀତରେ ଅନେକ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ ନିଜ ଦାବି ହାସଲ କରିବା ପାଇଁ କାମ ବନ୍ଦ ଆନ୍ଦୋଳନ କରି ଦରମାରୁ ବଞ୍ଚିତ ହୋଇଛନ୍ତି । ଏଠି କିନ୍ତୁ ମୋଟା ଦରମାବାଲା ଘରେ ବସି ବିନା କାମରେ ଦରମା ପାଇବେ । ଏ କି ନ୍ୟାୟ ? ଏମାନଙ୍କ ଦରମା ବାବଦକୁ ଖର୍ଚ୍ଚ ହେଉଥିବା ଅର୍ଥରେ କ'ଣ କରଦାତାଙ୍କ ଭାଗ ନାହିଁ ? ଏମାନଙ୍କୁ ଘରେ ବସାଇ ଦରମା ଦେବାର ଅଧିକାର ନବୀନବାବୁଙ୍କୁ କିଏ ଦେଲା ? ବରିଷ୍ଠ ପ୍ରଶାସକମାନଙ୍କ ବିରୋଧରେ ହେଉଥିବା କାର୍ଯ୍ୟାନୁଷ୍ଠାନ ଯେ କେବଳ ଲୋକଦେଖାଣିଆ ଏକଥା ଏବେ ଆଉ ଅଛପା ନାହିଁ । ମଦ ନିଗମର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ମିଶ୍ର କୋଟି କୋଟି ଟଙ୍କାର ଦୁର୍ନୀତି କରି ନେଇ ଗଲେ । ଏବେ ସେ କେଉଁଠି ? ତାଙ୍କ ବିରୋଧରେ ଆଉ କି କାର୍ଯ୍ୟାନୁଷ୍ଠାନ ହୋଇଛି ? ବରିଷ୍ଠ ପ୍ରଶାସକ ପ୍ରଶାନ୍ତ ନାୟକଙ୍କ ନିଲମ୍ବନ ଅବଧି ତୃତୀୟ ଥର ପାଇଁ ବଢ଼ାଗଲା - କାର୍ଯ୍ୟାନୁଷ୍ଠାନ ପାଇଁ ସାହସ ହେଲା ନାହିଁ । ଆଇ.ଜି. ସଂଜୀବ ମାରିକଙ୍କ ଅବସ୍ଥା ମଧ୍ୟ ସେହିପରି । ବର୍ଷେ ବିତିଲା ପଛେ ସରକାର କି ପଦକ୍ଷେପ ନେବେ ସେନେଇ ମନ ସ୍ଥିର କରିପାରିଲେ ନାହିଁ । ଏସବୁ ଲୋକଦେଖାଣିଆ ପଦକ୍ଷେପ ନେଇ ନିଜ ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରିବାର ପ୍ରୟାସ ପରିବର୍ତ୍ତେ ନବୀନବାବୁଙ୍କର ଯଦି ସାହସ ଅଛି, ଏମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ଓ ନ୍ୟାୟାଳୟର ସାମ୍ନା କରନ୍ତୁ । ତା'ହେଲେ ତାଙ୍କର ପାରିବାପଣିଆ ପ୍ରମାଣିତ ହେବ । ନହେଲେ ଦାୟିତ୍ୱବିହୀନ ସଚିବମାନଙ୍କ ପରି ନବୀନବାବୁଙ୍କୁ ଦାୟିତ୍ୱବିହୀନ ମୁଖ୍ୟମନ୍ତ୍ରୀ ବୋଲି କହିବାକୁ ଲୋକେ ପଛାଇବେ ନାହିଁ ।